## ୩୪ତମ ପିକକ୍ ଶିଶୁମେଳା ଉଦଯାପିତ

# ବହୁ ବିଶିଷ୍ଟବ୍ୟକ୍ତି ଓ ପ୍ରତିଭାବାନ ଶିଶୁ ସମ୍ମାନିତ

ଭୁବନେଶ୍ୱର ୨୨/୧୧: ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ଦ୍ୱାରା ଏକାମ୍ର ହାଟ ଆମ୍ଫୀଥିଏଟରରେ ଅନୁଷ୍ଠିତ ହୋଇଯାଇଛି ସାତଦିନ ବ୍ୟାପୀ ୩୪ ତମ ଶିଶୁମେଳା । ସାତଦିନ ବ୍ୟାପୀ ଏହି ଶିଶୁମେଳାରେ ରାଜ୍ୟର ବିଭିନ୍ନ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଏହାର ଉଦଯାପନୀ ଦିବସରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ବହୁ ପ୍ରତିଭାବାନ ଶିଶୁ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରଯାଇଥିଲା । ସାତଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କର ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ବହୁ ଅନୁଷ୍ଠାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା ।

ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ବହୁ ପ୍ରତିଭାବାନ ଶିଶୁଙ୍କୁ ସମ୍ମାନିତ କରଯାଇଥିଲା । **ସାବିତ୍ରୀ ନାୟକଙ୍କୁ** ସାହସିକତା ପାଇଁ **"ବାଜିରାଉତ ସ୍ମାରକୀ ସମ୍ମାନ ୨୦୨୩", ରିଶିତା ସାମନ୍ତରାୟଙ୍କୁ** ସମାଜ ସେବା ପାଇଁ **ପ୍ରାଣନାଥ ପଟ୍ଟନାୟକ ସ୍ମାରକୀ ସମ୍ମାନ ୨୦୨୩**, **ଶିଫା ପ୍ରିଜମଙ୍କୁ "ଡାଃ ପ୍ରଫୁଲ୍ଲ ଚନ୍ଦ୍ର ଦାସ ଶିଶୁ ପ୍ରତିଭା ସମ୍ମାନ ୨୦୨୩", ତାପସ କୁମାର ଷଢଙ୍ଗୀଙ୍କୁ "ଡାଃ ଶରତ ପୂଜାରୀ ସ୍ମାରକୀ ସମ୍ମାନ ୨୦୨୩", ସସ୍ମିତା ଭୋଇଙ୍କୁ "ଆଦରମଣୀ ବରାଳ ସ୍ମାରକୀ ସମ୍ମାନ ୨୦୨୩", ପ୍ରିୟଙ୍କରୀ ମୁଦୁଲୀଙ୍କୁ "ସୁଷମା ମହାପାତ୍ର ସ୍ମାରକୀ ସମ୍ମାନ ୨୦୨୩", ଜୟନା ଦାସଙ୍କୁ "ବେବି ଅଫ ଦି ଇୟର ୨୦୨୩"** ରେ ସମ୍ମାନିତ କରଯାଇଥିଲା । ସେହିପରି ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଏହି ଅବସରରେ ସମ୍ମାନିତ କରଯାଇଥିଲା । ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ **ଶ୍ରୀଯୁକ୍ତ ସୁରେନ୍ଦ୍ର କୁମାର ପଟ୍ଟନାୟକଙ୍କୁ "ଅବନୀ ବରାଳ ସ୍ମାରକୀ ସମ୍ମାନ ୨୦୨୩",** ସମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ **ଶ୍ରୀଯୁକ୍ତ ଶିବ ମହାନ୍ତିଙ୍କୁ "ସ୍ୱରୂପ ଜେନା ସ୍ମାରକୀ ସମ୍ମାନ ୨୦୨୩", ଶ୍ରୀଯୁକ୍ତ ଶୁଭ ନାରାୟଣ ଶତପଥୀ**ଙ୍କୁ **"ଶିଶୁ ସାଥି ସମ୍ମାନ ୨୦୨୩", ଶ୍ରୀଯୁକ୍ତ ପ୍ରସନ୍ନ କୁମାର ମିଶ୍ର**ଙ୍କୁ ସମାଜସେବା ପାଇଁ **"ଡାଃ ପ୍ରଫୁଲ୍ଲଚନ୍ଦ୍ର ଦାସ ଶିଶୁ ଅଧିକାର ସୁରକ୍ଷା ସମ୍ମାନ ୨୦୨୩"** ତଥା ମହିଳା ପ୍ରତିନିଧି **ଶ୍ରୀମତୀ ରମାଲତା ନାୟକଙ୍କୁ "ଆରାଧନା ନନ୍ଦ ସ୍ମାରକୀ ସମ୍ମାନ ୨୦୨୩"** ରେ ସମ୍ମାନିତ କରଯାଇଥିଲା ।

ଏହି ପରିପ୍ରେକ୍ଷୀରେ ଭିକି ଡ୍ୟାନ୍ସ ଗ୍ରୁପ, ଉଦ୍ର, କୋକିଲା ଡ୍ୟାନ୍ସ ଗ୍ରୁପ, କ୍ୟାପିଟ୍ୟାଲ ହାଇ ସ୍କୁଲ, ହଷ୍ଟେଲ ଗ୍ରୁପ, ଲିଟଲଷ୍ଟାର, ପୁରୁଣାଝିଇଣ୍ଟ ଆଡ଼ୋଲେସେଣ୍ଟ ଗ୍ରୁପ, ମହାକାଳେଶ୍ୱର, ଚେତନା, ଲକ୍ଷ୍ୟ ଡାନ୍ସ ଗ୍ରୁପ, ଦଶାବତାର ନାଟ୍ୟ ଶାଳା, ଦିବ୍ୟ ଜ୍ୟୋତି ସ୍ମୃତି ପୀଠ, କେଳାସାହିର ସନରାଇଜ ଇକୋସେର୍ସ ଯୁଥ ନେଟୱର୍କ, ପର୍ଲି ଇଣ୍ଟରନ୍ୟାସନାଲ ସ୍କୁଲ, ଡିଏମ ସ୍କୁଲ ଓ ବାରିଜଙ୍ଗ ର ପ୍ରତିଭା ଅଡୋଲୋସେଣ୍ଟ ଗ୍ରୁପ, ନୃତ୍ୟଶ୍ରୀ ଓ ନୃତ୍ୟ ପ୍ରତିଭା ଡାନ୍ସ ଗ୍ରୁପ, କାର୍ଗିଲର ପ୍ରକୃତି ଆଡୋଲୋସେଣ୍ଟ ଗ୍ରୁପ ର ଶିଶୁ କଳାକାର ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା ।


PECUC
34th Sisumela
୩୪ତମ ଶିଶୁ ମେଳା